## ଉନ୍ନୟନ କାର୍ଯ୍ୟ ଉଦ୍‌ଘାଟନ

କଣିହାଁ,୨୮।୪: କଣିହାଁ ବ୍ଲକ ଅଞ୍ଚଳକୁ ଗୁରୁବାର ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଗସ୍ତ କରିଥିଲେ। ଜନସାଧାରଣଙ୍କ ମୌଳିକ ସମସ୍ୟାକୁ ନେଇ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଖଣି କ୍ଷତିଗ୍ରସ୍ତ ଜରଡ଼ା ପଞ୍ଚାୟତରେ ହୋଇଥିବା ଉନ୍ନୟନ କାର୍ଯ୍ୟ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଯୁବନେତା ସୁନୀଲ ପ୍ରଧାନ, ନିର୍ମଳ ସାହୁଙ୍କ ସମେତ ପ୍ରତିନିଧି, ସରପଞ୍ଚ, ସମିତିସଭ୍ୟ, ଦଳୀୟ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ମହିଳା ଗୁରୁତର

**ବଇଣ୍ଡା,୨୮।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ଉଲୁକୁଲା ପଞ୍ଚାୟତ ସେରେଣ୍ଡା ଗ୍ରାମରେ ଗୁରୁବାର ଭାଲୁ ଆକ୍ରମଣରେ ସେହି ଗ୍ରାମର ଲକ୍ଷ୍ମୀ ବେହେରା ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଲକ୍ଷ୍ମୀ ନିକଟସ୍ଥ ଜଙ୍ଗଲକୁ ଶୌଚ ପାଇଁ ଯାଇଥିବାବେଳେ ଭାଲୁ ହାବୁଡ଼ରେ ପଡ଼ିଥିଲେ। ତୁରନ୍ତ ଲକ୍ଷ୍ମୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ଜଳିଗଲା ୨ ବଖରା



**ବଇଣ୍ଡା,୨୮।୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ କନ୍ତପଡ଼ା ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ସୁନୀଲ ବେହେରାଙ୍କ ୨ ବଖରା ଜଳିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଖବରପାଇ ଆଠମଲ୍ଲିକ ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଆଁ ଲିଭାଇଥିଲେ। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ଅବକାରୀ ଚଢ଼ାଉ, ୩ ଗିରଫ

**ବଇଣ୍ଡା,୨୮।୪(ଡି.ଏନ.ଏ.):** ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ



ପକ୍ଷରୁ ଗୁରୁବାର ଠାକୁରଗଡ଼ ଓ ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୪୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଠାକୁରଗଡ଼ ଥାନା ଘୋଡାବାନ୍ଧୁଣି ଗ୍ରାମର ନିରଞ୍ଜନ ସେଠୀ, ଗୌତମ ସେଠୀ, ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ସୁକାନ୍ତି ବେହେରାଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡ଼ନାୟକ, ଆଠମଲ୍ଲିକ ଅବକାରୀ ବିଭାଗର ଉପ ନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି ଚଢ଼ାଉ କରିଥିଲେ।

### କ୍ଷତିଗ୍ରସ୍ତ ପ୍ରଜାସଂଘ ବୈଠକ

**ବଇଣ୍ଡା,୨୮।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ମା' ମାହେଶ୍ୱରୀ କ୍ଷତିଗ୍ରସ୍ତ ପ୍ରଜାସଂଘର ଏକ ବୈଠକ ବୁଧବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଦୀପ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ



ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଉପ ସଭାପତି ବିଶ୍ୱରଞ୍ଜନ ପ୍ରଧାନ, ସମ୍ପାଦକ ବିଶିକେସ ବିଶ୍ୱାଳ, ସିପୁନ ପରିଡା, ମୋହନ ସାହୁ, ଅଜୟ ପ୍ରଧାନ, ପୀତାମ୍ବର ମିଶ୍ର, ପବିତ୍ର ପ୍ରଧାନ, ଅଶୋକ ସାହୁ, କୃପା ସାଗର ଅମାନ୍ତଙ୍କ ସମେତ ୧୨ ଖଣ୍ଡ ଗ୍ରାମବାସୀ ଯୋଗ ଦେଇଥିଲେ।

# ସମୟ ଗଡ଼ୁଛି, ଅନିଶ୍ଚିତତା ବଢ଼ୁଛି

■ରାଜନୈତିକ ପଶାପାଲିରେ ତାଳଚେର ମେଡିକାଲ କଲେଜ

■ପରିଚାଳନା ଦାୟିତ୍ୱ ସମ୍ପର୍କରେ ହୋଇପାରୁନି ନିଷ୍ପତ୍ତି

■ଆଜି ତାଳଚେରେ ମିଳିତ ସମାବେଶ କମିଟିର ଗଣଧାରଣା



ତାଳଚେରରେ ମେଡିକାଲ କଲେଜ

ତାଳଚେର,୨୮।୪(ମନୋଜ ନନ୍ଦ)

ପ୍ରଦୂଷଣ ଜର୍ଜରିତ ତାଳଚେରରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ଦୀର୍ଘ ୧୪ ବର୍ଷ ତଳେ ଏମ୍‌ସିଏଲ୍‌ର ଏପରି ଏକ ଯୋଜନା ପଦାକୁ ଆସିବା ପରେ ୫୦ ହଜାରରୁ ଅଧିକ ଠିକା ଶ୍ରମିକଙ୍କ ମନରେ ଉନ୍ନତ ଚିକିତ୍ସାର ନୂଆ ଆଶା ସଞ୍ଚାର ହୋଇଥିଲା। ତେବେ ବହୁ ବିଳମ୍ବ ହେଲେ ବି ୨୦୧୪ରେ ଏ ନେଇ ଏମ୍‌ଓୟୁ ଓ ୨୦୧୭ରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ହେଲେ ୫ ବର୍ଷ ହେଲା ରାଜନୈତିକ ପଶାପାଲିରେ ୧୦୦ ଶଯ୍ୟା ବିଶିଷ୍ଟ ମହାନଦୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟର (ମିମ୍‌ସାର)ର ଭାଗ୍ୟ ଛନ୍ଦିହୋଇ ରହିଛି। ପରିଚାଳନା ସମ୍ପର୍କିତ ନିଷ୍ପତ୍ତି ନିଆଯାଇପାରୁ ନ ଥିବାରୁ ଏକ ଶହ ଏମ୍‌ବିବିଏସ୍ ସିଟ୍‌ରେ ନାମଲେଖା ଓ ରୋଗୀସେବା ଆରମ୍ଭ ହୋଇପାରୁ ନାହିଁ। ଫଳରେ ଦିନ ଯେତିକି ଗଡ଼ୁଛି ଏହି ମେଡିକାଲ କଲେଜକୁ ନେଇ ଅନିଶ୍ଚିତତା ସେତିକି ବଢ଼ିବାରେ ଲାଗିଛି।

୨୦୦୮ରେ ତାଳଚେର ମେଡିକାଲ କଲେଜ ପ୍ରତିଷ୍ଠା ହୋଇ ୨୦୧୧ରେ ନାମ ଲେଖାହେବ ବୋଲି ଏମ୍‌ସିଏଲ୍ ପକ୍ଷରୁ ପ୍ରଥମେ କୁହାଯାଇଥିଲା। କିନ୍ତୁ ତାହା ହୋଇପାରିଲା ନାହିଁ। ପରବର୍ତ୍ତୀ ଅବସ୍ଥାରେ ୩ ମାର୍ଚ୍ଚ ୨୦୧୪ରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଏମ୍‌ସିଏଲ୍ ସିଏମ୍‌ଡିଙ୍କ ଉପସ୍ଥିତିରେ ଏ ନେଇ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ୧ ଶହ ଏମ୍‌ବିବିଏସ୍ ସିଟ୍ ଓ ୫ଶହ ଶଯ୍ୟା ବିଶିଷ୍ଟ ଏହି ମେଡିକାଲ କଲେଜ ନିର୍ମାଣ ବାବଦରେ ୫ଶହ କୋଟି ଟଙ୍କା ବ୍ୟୟ କରାଯିବ। ଏଥିପାଇଁ ରାଜ୍ୟ ସରକାର ୨୦ ଏକର ଜମି ଯୋଗାଇ ଦେବେ ଓ ୨୦୧୬-୧୭ ବର୍ଷରେ ଛାତ୍ରୀଛାତ୍ରଙ୍କ ନାମଲେଖା ଯାଇ ପାଠପଢ଼ା ଆରମ୍ଭ ହେବ ବୋଲି ସ୍ଥିର ହୋଇଥିଲା। ତଦନୁଯାୟୀ ବନବିଭାଗ ପକ୍ଷରୁ ଡେରା ବୈଷ୍ଣବ ରଗୁଡିଠାରେ ୮.୪୯୬୩ ହେକ୍ଟର ଜମି ଯୋଗାଇ ଦିଆଗଲା। ୩ ସେପ୍ଟେମ୍ବର ୨୦୧୫ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା। ୨ ବର୍ଷ ପରେ ଅର୍ଥାତ୍ ୨୦୧୭ରେ ୪୯୨ କୋଟି ଟଙ୍କା ବ୍ୟୟରେ ମେଡିକାଲ କଲେଜର ନିର୍ମାଣ ଶେଷ ହେଲା। ଚୁକ୍ତି ଅନୁଯାୟୀ ୨୦୧୮ରୁ ଏଠାରେ ନାମଲେଖା ଆରମ୍ଭ ହେବା କଥା। ୨୦୧୯ ମାର୍ଚ୍ଚ ୫ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାର ଏକାଡେମିକ ବ୍ଲକକୁ ଉଦ୍‌ଘାଟନ କରିବା ପରେ ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ଏମ୍‌ସିଏଲ୍ ପକ୍ଷରୁ କୁହାଯାଇଥିଲା। କିନ୍ତୁ ବାସ୍ତବରେ କେବଳ ସମୟ ଗଡି ଚାଲିଛି। ମେଡିକାଲ ପରିଚାଳନା ଦାୟିତ୍ୱ କିଏ ବହନ କରିବେ ତାହା ସ୍ଥିର ହୋଇପାରୁ ନାହିଁ। ଏମ୍‌ସିଏଲ୍ ପକ୍ଷରୁ ବାରମ୍ବାର ଟେଣ୍ଡର ହୋଇଥିଲେ ମଧ୍ୟ ଏ ଦିଗରେ ନିଷ୍ପତ୍ତି ନିଆଯାଇପାରୁ ନାହିଁ। ଏଣେ ଅହେତୁକ ବିଳମ୍ବ ଦେଖି ତାଳଚେରର ଜନସାଧାରଣ ଓ ବିଭିନ୍ନ ସଙ୍ଗଠନ ତାତି ଉଠିଲେଣି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ମହେଶ ସାହୁ ଓ ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ପରି ତାଳଚେରରୁ ୩ ଜଣ ଟାଣୁଆ ନେତା ଥାଇ ସୁଦ୍ଧା ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇ ନ ପାରିବା କ୍ଷୋଭର ବିଷୟ ବୋଲି ଏମାନେ କହିଲେଣି। ଏ ନେଇ ୨୯ ତାରିଖ ଶୁକ୍ରବାର ତାଳଚେର ମିଳିତ ସମାବେଶ କମିଟି ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସୂଚନା ମିଳିଛି।

### ଚଳିତବର୍ଷକୁ ନେଇ ଆଶାବାଦୀ ଅଛି



"ତାଳଚେର ମେଡିକାଲ କଲେଜ ପ୍ରସଙ୍ଗ ସଂସଦରେ ଉଠାଇଛି। କୋଇଲା ମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା କରିଛି। ଯଦିଓ ଉଦ୍ୟମ ସଫଳ ହୋଇନାହିଁ, ତଥାପି ଚଳିତ ବର୍ଷ କାର୍ଯ୍ୟକାରୀ ହେବ ବୋଲି ଆଶାବାଦୀ ଅଛି। ଯଦି କୌଣସି ଅନୁଷ୍ଠାନ ଏଥିପାଇଁ ଆନ୍ଦୋଳନ କରନ୍ତି, ତେବେ ଏହାକୁ ନୈତିକ ଭାବେ ସମର୍ଥନ ଦେବି।

**-ମହେଶ ସାହୁ, ଢେଙ୍କାନାଳ ଏମ୍‌ପି**

### କୋଲ୍ ଇଣ୍ଡିଆ ଚିଠିକୁ ଅପେକ୍ଷା



"ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ମେଡିକାଲ କଲେଜ ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଛି। ରାଜ୍ୟ ସରକାର ଏହାର ପରିଚାଳନା ଦାୟିତ୍ୱ ହାତକୁ ନିଅନ୍ତୁ ବୋଲି ଦାବି ରଖିଛି। ମୁଖ୍ୟ ଶାସନ ସଚିବ ମଧ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟ ସରକାର ଏହାକୁ ଚାଲୁ କରିବା ସହିତ ଏମ୍‌ସିଏଲ୍ ପ୍ରତିବର୍ଷ ଖର୍ଚ୍ଚ ଭରଣା କରିବା ଦରକାର। କୋଲ୍ ଇଣ୍ଡିଆରୁ ଚିଠି ଆସିଲା ପରେ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବେ।

**-ବ୍ରଜକିଶୋର ପ୍ରଧାନ, ବିଧାୟକ, ତାଳଚେର**

### ରାଜ୍ୟ ସରକାର ବିଳମ୍ବ କରୁଛନ୍ତି



"ଏମ୍‌ସିଏଲ୍ ପକ୍ଷରୁ ମେଡିକାଲ କଲେଜ ନିର୍ମାଣ ଶେଷ କରାଯାଇଛି। କିନ୍ତୁ ରାଜ୍ୟ ସରକାର ଏହାର ପରିଚାଳନା ହାତକୁ ନେବାରେ ବହୁତ ବିଳମ୍ବ କରୁଛନ୍ତି। ମେଡିକାଲ କଲେଜ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା ସହିତ ଏହାର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାର ବହନ କରନ୍ତୁ।

**-କାଳନ୍ଦୀ ସାମଲ, ଭାଜପା ସାଧାରଣ ସମ୍ପାଦକ**

### ଶାସକ ଓ ବିରୋଧୀ ନେତାଙ୍କ ଆନ୍ତରିକତା ନାହିଁ



"ଅନୁଗୋଳ ଜିଲାର ଶାସକ ଦଳର ନେତା ଓ ବିରୋଧୀ ଦଳର ନେତାଙ୍କ ଆନ୍ତରିକତା ଅଭାବରୁ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଏଥିସହ ତାଳଚେର ଓ ଜିଲାବାସୀଙ୍କ ପ୍ରତି ଏପରି ବୈମାତୃକ ମନୋଭାବ ବିରୋଧରେ ଠିକ ଢଙ୍ଗରେ ଆନ୍ଦୋଳନ ମଧ ହୋଇପାରୁ ନାହିଁ। ସେଥିପାଇଁ ମୌଳିକ ସମସ୍ୟାଗୁଡ଼ିକ ଅଣଦେଖା ହୋଇରହିଛି।

**-ଭୂପେନ ଥନ୍ଧ, ସଭାପତି ଜନବିକାଶ କଲ୍ୟାଣ ସଂଘ**

### ଅଧିକ ଧୈର୍ଯ୍ୟ ପରୀକ୍ଷା କରା ନ ଯାଉ



"ରାଜ୍ୟ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରନ୍ତୁ। ଯେତେଶୀଘ୍ର ସମ୍ଭବ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରାଯିବା ସହିତ ଏମ୍‌ବିବିଏସ୍‌ରେ ପାଠପଢ଼ା ଓ ରୋଗୀସେବା କାର୍ଯ୍ୟ ଆରମ୍ଭ କରାଯାଉ। ତାଳଚେରବାସୀଙ୍କ ଧୈର୍ଯ୍ୟକୁ ଆଉ ଅଧିକ ପରୀକ୍ଷା କରା ନ ଯାଉ।

**-ରଞ୍ଜିତ କୁମାର ମହାପାତ୍ର, ସାମାଜିକ କର୍ମୀ, ତାଳଚେର**

## ଥଇଥାନ, ବିସ୍ଥାପନ ପ୍ୟାକେଜ ଅନୁମୋଦିତ

**ଅନୁଗୋଳ ଅଫିସ,୨୮।୪(ଡି.ଏନ.ଏ.)**

ଅନୁଗୋଳସ୍ଥିତ ଜିନ୍ଦଲ ଇଣ୍ଡିଆ ଥର୍ମାଲ ପାୱାର ଲିମିଟେଡର ୪ର୍ଥ ଆର୍‌ପିଡିଏସି ବୈଠକ ବୁଧବାର ଅପରାହ୍ନରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆର୍‌ପିଡିଏସି ଅଧ୍ୟକ୍ଷ ତଥା ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇ ଅଧ୍ୟକ୍ଷତା କରିଥିଲେ। ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପାଲଲହଡା ବିଧାୟକ ମୁକେଶ କୁମାର ପାଲ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଉତ୍ତର କେନ୍ଦ୍ରାଚଳ ଡିଆଇଜି ଡ. ସାର୍ଥକ ଷଡ଼ଙ୍ଗୀ, ଏସ୍‌ପି ଜଗମୋହନ ମୀନା ପ୍ରମୁଖ ଯୋଗ ଦେଇଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ୭ଟି ବିଷୟରେ ଆଲୋଚନା ହୋଇଥିଲା। ଗତ ବୈଠକର ବିବରଣୀକୁ ଅନୁମୋଦନ କରାଯାଇଥିଲା। କ୍ଷତିଗ୍ରସ୍ତ ୨୩ ପରିବାରର ସାବାଳିକାଙ୍କୁ ଥଇଥାନ ଓ ବିସ୍ଥାପିତ ପ୍ୟାକେଜ ଓ ଜମିହରା ପରିବାର ୩୧ ଜଣଙ୍କୁ ଚାକିରି ଦେବା ନିମନ୍ତେ ଅନୁମୋଦନ କରାଗଲା। ଡେରଙ୍ଗ ମୌଜାର ନିଶାମଣି ବେହେରା ଓ ଅନ୍ୟ ୪ ଜଣଙ୍କ ଚାକିରି ବିଷୟରେ ଆଲୋଚନା ହୋଇ ସବ୍ କମିଟି ଗଠନ କରାଗଲା। ସିଏସ୍‌ଆର୍ କାର୍ଯ୍ୟକ୍ରମକୁ କଡାକଡି ଭାବେ କାର୍ଯ୍ୟକାରୀ କରିବାକୁ ଅଧ୍ୟକ୍ଷ କମ୍ପାନୀ କର୍ତ୍ତୃପକ୍ଷକୁ ପରାମର୍ଶ ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ସନ୍ତୋଷ କୁମାର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଭୂ-ଅର୍ଜନ ଅଧିକାରୀ ପତିତପାବନ ଦେବତା, କମ୍ପାନୀ କର୍ତ୍ତୃପକ୍ଷ ଓ ବିସ୍ଥାପିତ ଗ୍ରାମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ହସ୍ତତନ୍ତ ହସ୍ତଶିଳ୍ପ ମେଳା ଉଦ୍‌ଘାଟିତ

ବଅଁରପାଳ,୨୮।୪(ଡି.ଏନ.ଏ.)

ବଅଁରପାଳ ବ୍ଲକ ନାଲ୍‌କୋ କଲୋନୀ ପରିସରରେ ଗୁରୁବାର ସର୍ବଭାରତୀୟ ହସ୍ତତନ୍ତ ହସ୍ତଶିଳ୍ପ ମେଳା ଉଦ୍‌ଘାଟିତ ହୋଇଯାଇଛି। ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍.ଏନ୍. ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମେଳାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଲ୍‌କୋ ଅଧିକାରୀ ମଣିରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ବ୍ୟବସାୟୀମାନେ ୮୦ରୁ ଊର୍ଦ୍ଧ୍ୱ ଷ୍ଟଲ ପକାଇଛନ୍ତି। ହସ୍ତତନ୍ତ ଓ ହସ୍ତଶିଳ୍ପ ଉପରେ ବହୁ ଷ୍ଟଲ ପ୍ରଦର୍ଶିତ ହେଉଛି। ଏହି ମେଳା ୧୫ ଦିନ ଧରି ଚାଲିବ। ପ୍ରଫୁଲ୍ଲ କୁମାର ପାଗଡ଼, କୁନା ବେହେରା, ପପୁ ଗଡନାୟକ, ମାନସ ଗଡନାୟକ ପ୍ରମୁଖ ମେଳା ପରିଚାଳନା କରୁଛନ୍ତି। ଉଦ୍‌ଘାଟନୀ ଉତ୍ସବକୁ ଭବେଶ ସେଠ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।




ମେଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ରାଜପଥ ପାର୍ଶ୍ୱରୁ ମୃତଦେହ ଜବତ

ଖମାର,୨୮।୪(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡସ୍ଥିତ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ସମ୍ମୁଖଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସ୍ଥାନୀୟ ଲୋକେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପାଲଲହଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଦେଇଛି। ମୃତ ଯୁବକ ଜଣକ ଦେବଗଡ଼ ଜିଲା ରିଆମାଳ ବ୍ଲକ ଗୋହିରା ଅଞ୍ଚଳର ଟିକେଶ୍ୱର ନାୟକ ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣା ପଡିଥିବା ପୋଲିସ କହିଛି।

## ପରୀକ୍ଷା ଦେଲେ ୧୨୧୧ ଛାତ୍ରୀଛାତ୍ର

ବଇଣ୍ଡା,୨୮।୪(ଡି.ଏନ.ଏ.)

ଗୁରୁବାରଠାରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହୋଇଛି। ଆଠମଲ୍ଲିକ ଉପଖଣ୍ଡର ମୋଟ୍ ୧୨୧୧ କଳା ଓ ବାଣିଜ୍ୟ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। କିଶୋରନଗର ବ୍ଲକର ବଇଣ୍ଡା କଲେଜରେ କଳାରେ ୧୮୭ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବାବେଳେ ଅଙ୍ଗପଡା କଲେଜରେ ୧୨୧, କିଶୋରନଗର କଲେଜ ବାଣିଜ୍ୟରେ ୫୫, କଳାରେ ୨୪୬, ଆଠମଲ୍ଲିକ ପାଇକସାହି କଲେଜରେ କଳାରେ ୧୨୦ ଜଣ, ଠାକୁରଗଡ଼ କଲେଜରେ ୧୨୭, ଆଠମଲ୍ଲିକ କଲେଜରେ ୧୧୯, ଅଏଡ଼ା କଲେଜରେ ୧୧୭, ମାଧପୁର କଲେଜରେ ୧୨୮ ଛାତ୍ରୀଛାତ୍ର କଳା ବିଭାଗରେ ପରୀକ୍ଷା ଦେଉଛନ୍ତି। ସମସ୍ତ କଲେଜରେ ସିସିଟିଭି ଲାଗିଥିବାବେଳେ ଛାତ୍ରୀଛାତ୍ରମାନଙ୍କୁ ପରୀକ୍ଷା ହଲକୁ ପ୍ରବେଶ ପୂର୍ବରୁ ଯାଞ୍ଚ କରାଯାଉଛି। ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ହୋଇଥିବା ବଇଣ୍ଡା କଲେଜ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକ ମାଧପୁର ସତ୍ୟବାଦୀ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୩୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୮ ଜଣ ପରୀକ୍ଷା ଦେଇଥିବା ଅଧ୍ୟକ୍ଷ ବୈଦ୍ୟନାଥ ସାହୁ ସୂଚନା ଦେଇଛନ୍ତି।



ବଇଣ୍ଡା କଲେଜରେ ଛାତ୍ରୀଛାତ୍ରଙ୍କୁ ଯାଞ୍ଚ କରାଯାଉଛି।

## ୧୨୩୨ ଜଣଙ୍କ ସ୍ୱାସ୍ଥ୍ୟପରୀକ୍ଷା

କଣିହାଁ,୨୮।୪(ଡି.ଏନ.ଏ.)

କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ଗ୍ରାମ ଡାକେଶ୍ୱରୀ ବାଳିକା ଉଚ୍ଚବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏମ୍‌ପି ମହେଶ ସାହୁ, ବିଧାୟକ ବ୍ରଜକିଶୋର ପ୍ରଧାନ, ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ, ସିଡିଏମ୍‌ଓ ଡାକ୍ତର ତ୍ରିଲୋଚନ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଡାକେଶ୍ୱରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ ଦାସ, ସରପଞ୍ଚ ସସ୍ମିତା ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଉନ୍ନତ ସ୍ୱାସ୍ଥ୍ୟସେବା ନୂତନ ଆଶା ସୃଷ୍ଟି କରିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଡା. ସତ୍ୟନାରାୟଣ ସିଂ ସାମନ୍ତ ସଂଯୋଜନା କରିଥିଲେ। ଡାକ୍ତର ଅରବିନ୍ଦ ନନ୍ଦି, ସଚ୍ଚିଦାନନ୍ଦ ସୁବୁଦ୍ଧି, କୃତ୍ତିବାସ ସୁବୁଦ୍ଧି, ପରମେଶ୍ୱର ଜେନା, ଶାନ୍ତନୁ ନାଏକ, ପଞ୍ଚାନନ ସାହୁ, ବିଶ୍ୱଜିତ୍ ସାମଲ, ନିରୋଦ ସାହୁ, ଶଶୀକାନ୍ତ ବେହେରା ଉପସ୍ଥିତ ରହି ୧୨୩୨ ଜଣଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଏଥିସହିତ ଔଷଧ ବଣ୍ଟନ କରାଯାଇଥିଲା। କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁମନ୍ତ ପଟେଲ ପରିଚାଳନା କରିଥିଲେ। କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ସମେତ ବିପିଏମ୍ ମୋନାଲିସା ପ୍ରଧାନ, ବିତ୍ତୀୟ ପରିଚାଳକ ଅନୁପ କର, ଆୟୁଷ ଡାକ୍ତର ରାକେଶ ମହାରଣା, ଦିଲୀପ ପ୍ରଧାନ, ନିହାର ପ୍ରଧାନ, ଫାର୍ମାସିଷ୍ଟ ପ୍ରମୁଖ ପରିଚାଳନା କରିଥିଲେ।



ସ୍ୱାସ୍ଥ୍ୟମେଳାରେ ଉପସ୍ଥିତ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

## ଚୋରି ଟଙ୍କା ଉଡ଼ାଇଲେ, ୪ ଗିରଫ

**ଅନୁଗୋଳ ଅଫିସ,୨୮।୪**

ଅନୁଗୋଳ ସହର ହେମସୁରପଡା ଛକଠାରେ ଗୁରୁବାର ସକାଳେ ହଠାତ୍ ପୁଳା ପୁଳା ଟଙ୍କା ଉଡିଥିଲା। ଉଡ଼ାଉଥିବା ବ୍ୟକ୍ତିମାନେ ଏହା ଚୋରି ଟଙ୍କା ବୋଲି କହିବା ପରେ ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ଏ ନେଇ ଅନୁଗୋଳ ଥାନାରେ ଆନ୍ଧ୍ରପ୍ରଦେଶର ରାଣା ନୈନା ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୨୩୬/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରକାଶ ଯେ, ହେମସୁରପଡା ଦୁର୍ଗା ମଣ୍ଡପ ନିକଟରେ ରହୁଥିବା ନୈନା ଓ ସହଯୋଗୀମାନେ ଇମିଟେଶନ ଗହଣା ବିଭିନ୍ନ ସ୍ଥାନରେ ବିକ୍ରି କରନ୍ତି। ବୁଧବାର ବିଳମ୍ବିତ ରାତିରେ ସେମାନେ ଶୋଇଥିବା ବେଳେ ହେମସୁରପଡାର ଯୋଗେନ୍ଦ୍ର ନାଏକ, ନାଖରାସାହିର ଛୋଟୁ ଓରଫ ଭରତ ପ୍ରଧାନ ଓ ବାସୁ ଓରଫ ବସନ୍ତ ଜେନା, ମାଟିଆସାହିର ସରୋଜ ପ୍ରଧାନ ଟଙ୍କା ବାକ୍ସ ଚୋରି କରି ନେଇଥିଲେ। ଉକ୍ତ ବାକ୍ସରେ ୨ ଲକ୍ଷ ୬୦ ହଜାର ଟଙ୍କା ଥିବା ନୈନା ଅଭିଯୋଗରେ ଦର୍ଶାଇଥିଲେ। ତଦନ୍ତ ପରେ ୪ ଅଭିଯୁକ୍ତଙ୍କୁ ଗିରଫ ସହ ୧ ଲକ୍ଷ ୫୯ ହଜାର ଟଙ୍କା ଜବତ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ଆଦର୍ଶ ବିଦ୍ୟାଳୟ ସ୍ଥାପନ ଭୂମିପୂଜା

ବଇଣ୍ଡା/ ମାଧପୁର,୨୮।୪ (ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତ ବନମାଳିପୁରଠାରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବ। ଏ ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ଗୁରୁବାର ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୂମିପୂଜା କରିବା ସହ ଆୟୋଜିତ ସଭାରେ ଏହି ବିଦ୍ୟାଳୟ ସ୍ଥାପନ ଯୋଗୁ ବହୁ ମେଧାବୀ ଛାତ୍ରୀଛାତ୍ର ସିବିଏସ୍‌ସି ପାଠ୍ୟକ୍ରମ ପଢ଼ିପାରିବେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଜିଲା ପରିଷଦ ସଭ୍ୟ ଯୁଧିଷ୍ଠିର ସିଂହ, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, କୃତ୍ତିବାସପୁର ସରପଞ୍ଚ ଜୟନ୍ତ କୁମାର ସାହୁ, ସମିତିସଭ୍ୟ ବବିତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ମମତା ମହାକୁଡ଼, ପାଇକସାହି ସରପଞ୍ଚ ନିରୋଜକାନ୍ତ ସାହୁ, ଠାକୁରଗଡ଼ ସମିତିସଭ୍ୟ ମନୋରଞ୍ଜନ ସାହୁ, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ରାଉତ, ପୂର୍ତ୍ତ ବିଭାଗ ଏସ୍‌ଡିଓ ଫକୀର ମୋହନ ସାହୁ, କନିଷ୍ଠଯନ୍ତ୍ରୀ ହିମାଂଶୁ ମାହାଳିକ, ସୁନୀଲ ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

## ବାର୍ଷିକ ଉତ୍ପାଦନ କ୍ଷମତା ୧୪ ଲକ୍ଷ ଟନ୍

### ଜେଏସ୍‌ପିରେ ଅତ୍ୟାଧୁନିକ ଟିଏମ୍‌ଟି ମିଲ୍ ଲୋକାର୍ପିତ

**ଅନୁଗୋଳ ଅଫିସ୍, ୨୮।୪**

ଅନୁଗୋଳ ଗସ୍ତରେ ଆସିଥିବା କେନ୍ଦ୍ର ଇସ୍ପାତ ମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂ ଗୁରୁବାର ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି) ପ୍ଲାଣ୍ଟ ପରିସରରେ ବାର୍ଷିକ ୧୪ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଟିଏମ୍‌ଟି ରିବାର୍ ମିଲ୍ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ବିଶ୍ୱର ଅନ୍ୟତମ ବୃହତ୍ତମ ଷ୍ଟିଲ୍ ନିର୍ମାଣ କମ୍ପାନୀର ଅତ୍ୟାଧୁନିକ ଷ୍ଟିଲ୍ ଛଡ଼ ଉତ୍ପାଦନ କାରଖାନା, ପୃଥିବୀର ପ୍ରଥମ କୋଲ୍ ଗ୍ୟାସିଫିକେଶନ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ଜେଏସ୍‌ପି ଚେୟାରମ୍ୟାନ୍ ନବୀନ ଜିନ୍ଦଲ, ଏମ୍‌ଡି ଭି.ଆର୍. ଶର୍ମା, ସିଇଓ (ଷ୍ଟିଲ୍) ଡି.କେ. ସରୋଗୀ, ଷ୍ଟିଲ୍ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରାଶିକା ଚୌବେ ପ୍ରମୁଖ ଉପସ୍ଥିତ ଥିଲେ।




ଏହି ଅବସରରେ ମନ୍ତ୍ରୀ ନିଜ ବକ୍ତବ୍ୟରେ କହିଲେ, ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ଇସ୍ପାତ ଉତ୍ପାଦକାରୀ ରାଷ୍ଟ୍ର। ଏହା ଜାତୀୟ ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଓଡ଼ିଶାରେ ଦେଶର ସିଂହଭାଗ ଷ୍ଟିଲ୍ ଉତ୍ପାଦନ ହେଉଛି। ଏଭଳି ଏକ ମେଗା ଷ୍ଟିଲ୍ ପ୍ଲାଣ୍ଟକୁ ବାସ୍ତବ ରୂପ ଦେଇଥିବାରୁ ସେ ଜେଏସ୍‌ପି ଚେୟାରମ୍ୟାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଜେଏସ୍‌ପି ନିଜର ଷ୍ଟିଲ୍ ଉତ୍ପାଦନ କ୍ଷମତାକୁ ୨୫.୨ ଏମ୍‌ଟିପିଏକୁ ପରିବର୍ଦ୍ଧିତ କରିବାକୁ ଲକ୍ଷ୍ୟ ରଖିଛି। ଏହା ସଫଳ ହେଲେ ୨୦୩୦ ସୁଦ୍ଧା ଦେଶର ୧୦% ଇସ୍ପାତ କେବଳ ଅନୁଗୋଳ ଜେଏସ୍‌ପିରୁ ଉତ୍ପାଦନ ହେବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସେହିପରି କୋଭିଡ୍ ମହାମାରୀ ସମୟରେ ଦେଶକୁ ତରଳ ଅମ୍ଳଜାନ ଯୋଗାଣରେ କମ୍ପାନୀ ଦେଖାଇଥିବା ପ୍ରତିବଦ୍ଧତାକୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି।

ଏହି ଉପଲକ୍ଷେ କେନ୍ଦ୍ରମନ୍ତ୍ରୀଙ୍କ ଟିମ୍, ଇସ୍ପାତ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ କମ୍ପାନୀର କୋଲ୍ ଗ୍ୟାସିଫିକେଶନ ପ୍ଲାଣ୍ଟ (ସିଜିପି) ସମେତ ବିଭିନ୍ନ ୟୁନିଟ୍ ପରିଦର୍ଶନ କରିଥିଲେ। ଜେଏସ୍‌ପି ଚେୟାରମ୍ୟାନ୍ ଜିନ୍ଦଲ କହିଲେ, ଏହା ହେଉଛି ପୃଥିବୀର ଅନ୍ୟତମ ବୃହତ୍ତମ ଏବଂ ମଡର୍ନ ଷ୍ଟିଲ୍ ରିବାର ମିଲ୍। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ସମର୍ଥନ ଯୋଗୁ ଏହା ସମ୍ଭବପର ହୋଇପାରିଛି। ଏହା ମାଧ୍ୟମରେ ଉନ୍ନତମାନର ଲୁହାଛଡ଼ ଉତ୍ପାଦନ କରାଯାଇପାରିବ। ଫଳରେ ପରୋକ୍ଷରେ ଲକ୍ଷାଧିକ କର୍ମନିଯୋଜନ ସୃଷ୍ଟି ହୋଇପାରିବ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ନୀଲେଶ ଦେଓରେ, ଇସ୍ପାତ ରିସର୍ଚ୍ଚ ଆଣ୍ଡ ଟେକ୍ନୋଲୋଜି ମିଶନ ଇଣ୍ଡିଆର ନିର୍ଦ୍ଦେଶକ ଡ. ମୁକେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

